
www.baazarkolkata.com
7 STATES
80 STORES
Baazar Kolkata
LADIESWEAR | MENSWEAR | KIDSWEAR | ACCESSORIES
ହୋ ହାଲ୍ଲା ରେ କିଣା କିଣି
ଏଥର ପୁଜାରେ
ହେଲା
କେତେଟା ?
₹୪୯୯ ର
କିଣାକଟା ରେ
ପାଆନ୍ତୁ ଆକର୍ଷଣୀୟ
ଉପହାର
DUFFLE BAG
ON PURCHASE
₹4,999
PRESSURE COOKER
ON PURCHASE
₹7,499
SLEEK TROLLEY
ON PURCHASE
₹9,999
GAS OVEN
ON PURCHASE
₹14,999
*Conditions Apply
**Actual gift may varies from pictures shown above.
ANGUL • BHUBANESWAR ( MARKET BUILDING / BAPUJI NAGAR ) • BARGARH • BRAHMAPUR • CUTTACK ( BADAMBADI / DOLAMUNDAI )
PURI • DHENKANAL • PARADEEP • JAJPUR ROAD • BALANGIR • JHARSUGUDA • PATRAPADA • SAMBHALPUR • JEYPORE • PATIA
Paytm CASHBACK
If you have New Store Locations, Contact us : sbagani@baazarkolkata.com / parshuram.shaw@baazarkolkata.com
Like us on
033-40849911 / 9966



ଟଙ୍କାର ଅପବ୍ୟବହାର କରିବା କୌଣସି ସଦାଚାରୀ ବ୍ୟକ୍ତିର କାର୍ଯ୍ୟ ନୁହେଁ।
- ସେନେକା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସାର୍ବଜନୀନ ଦୁର୍ଗାପୂଜା ସମିତି ଭିଏସ୍ଏସ୍ ନଗର ପକ୍ଷରୁ ମହାସପ୍ତମୀ ପୂଜା, ଭିଏସ୍ଏସ୍ ନଗର, ସକାଳ ୭ଟା ୩୦।
- ନବଦିନାତ୍ମକ ପରିଚାଳନା ସମିତି ପକ୍ଷରୁ ମା' ଭୁବନେଶ୍ୱରୀ ଦେବୀଙ୍କ ନବଦିନାତ୍ମକ ପୂଜା, ଡି.ଏଲ୍.କଲୋନୀ, ଭିଏସ୍ଏସ୍ ନଗର, ସକାଳ ୮ଟା।
- ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତି ପୁଷ୍ପମାଲ୍ୟ ଅର୍ପଣ, ଖାରବେଳ ନଗର, ପ୍ରାଣନାଥ ମାର୍ଗ, ସକାଳ ୮ଟା।
- ରେସିଡେଣ୍ଟସ୍ ୱେଲଫେୟାର ଆସୋସିଏନ୍ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା, ମହାସପ୍ତମୀ, ଶୈଳଶ୍ରୀ ବିହାର, ସକାଳ ୮ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ଦୁର୍ଗାପୂଜା, ମହାସପ୍ତମୀ, ଝାରପଡ଼ା ପୂଜାମଣ୍ଡପ, ପୂର୍ବାହ୍ନ ୯ଟା ୩୬।
- ନେତାଜୀ ଯୁବକ ସଂଘ ପକ୍ଷରୁ ୪୩ତମ ହରପାର୍ବତୀ ମହାସପ୍ତମୀ ପୂଜା, ବଡ଼ଗଡ଼, ପୂର୍ବାହ୍ନ ୯ଟା ୩୬।
- ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଭଗବତୀ ଭବନ, ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ମହାବୀର ପୂଜା କମିଟି ନୂଆସାହି ପକ୍ଷରୁ ମହାବୀର ଦେବଙ୍କ ପୂଜା, ନୂଆସାହି ନୟାପଲ୍ଲୀ, ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପୁରୁଣା ଷ୍ଟେଶନ ବଜାର ପକ୍ଷରୁ ଦୁର୍ଗା ପୂଜା, ମହାସପ୍ତମୀ, ପୂଜା ମଣ୍ଡପ, ସନ୍ଧ୍ୟା ୬ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ଦୁର୍ଗା ପୂଜା, ରୁଚିକା ବଜାର-ବରମୁଣ୍ଡା, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଦାଣ୍ଡିଆ ଉତ୍ସବ, ଲକ୍ଷ୍ମୀପୂଜା ପଡ଼ିଆ, ବେହେରା ସାହି ରୋଡ, କଳିଙ୍ଗ ଷ୍ଟାଡିୟମ ଟ୍ରାଫିକ, ସନ୍ଧ୍ୟା ୬ଟା ୩୦।
- ସଙ୍ଘଶ୍ରୀ କ୍ଲବ୍ ପକ୍ଷରୁ ସାର୍ବଜନୀନ ଦୁର୍ଗାପୂଜା, ମହାସପ୍ତମୀ, ବେଙ୍ଗଲୀ କଲୋନୀ ଦୁର୍ଗାପୂଜା ମଣ୍ଡପ, ଲକ୍ଷ୍ମୀସାଗର, ସନ୍ଧ୍ୟା ୭ଟା।
- କଟକ ରୋଡ ବ୍ୟବସାୟୀ ସଂଘ ପକ୍ଷରୁ ଦୁର୍ଗା ପୂଜା, କଟକ ରୋଡ, ରାତି ୮ଟା।

**ପୁରୀ**

- ୩୯ତମ ୱାର୍ଲ୍ଡ କଂଗ୍ରେସ ଅଫ୍ ପଏଟ୍ସ (ଡବ୍ଲୁସିପି)ଅବସରରେ ଆଧ୍ୟାତ୍ମିକ କବିତା ସମାରୋହ, ବେଳାଭୂମି, ପୂର୍ବାହ୍ନ ୧୦ଟା।

**ଖୋର୍ଦ୍ଧା**

- ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ପୂଣ୍ୟତିଥି ପାଳନ, କେନ୍ଦ୍ର ସମବାୟ ବ୍ୟାଙ୍କ ଛକ, ପୂର୍ବାହ୍ନ ୯ଟା।

## ନନ୍ଦନକାନନରେ ମାଈ ଜଳହସ୍ତୀ ମୃତ

**ବାରଙ୍ଗ,୪।୧୦(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଦିନକୁ ଦିନ ବନ୍ୟପ୍ରାଣୀ ସଂଖ୍ୟା କମିବାରେ ଲାଗିଛି। ଗତ ମାସରେ ୪ଟି ହାତୀର ମୃତ୍ୟୁକୁ ନେଇ କର୍ତ୍ତୃପକ୍ଷ ନାନା ଆଶଙ୍କାରେ ଥିବାବେଳେ ଶୁକ୍ରବାର ସକାଳେ ଏକ ମାଈ ଜଳହସ୍ତୀର ମୃତ୍ୟୁ ଘଟିଛି। ଏନକ୍ଲୋଜର ନଂ ୬୨ରେ ରହୁଥିବା ଏହି ଜଳହସ୍ତୀ ପାଟିର ବାମପାର୍ଶ୍ୱରୁ ଗତ ୩୦ତାରିଖଠାରୁ ରକ୍ତସ୍ରାବ ହେଉଥିଲା। ଏ ନେଇ କର୍ମଚାରୀମାନେ ଡାକ୍ତରଙ୍କୁ ଜଣାଇବା ପରେ ସେମାନେ ଆସି ଦେଖିବା ସହ ଓୟୁଏଟି ବିଶେଷଜ୍ଞଙ୍କୁ ଜଣାଇଥିଲେ। ଶୁକ୍ରବାର ସକାଳେ ୯ଟାରେ ବିଶେଷଜ୍ଞମାନେ ଚିକିତ୍ସା ପାଇଁ ନନ୍ଦନକାନନ ପହଞ୍ଚିଥିଲେ। ପାଣି ଶୁଖାଯାଇ ଜଳହସ୍ତୀଟିକୁ ଉପରକୁ ଅଣାଯାଇ ଚିକିତ୍ସା କରାଯାଉଥିବାବେଳେ ତା'ର ମୃତ୍ୟୁ ହୋଇଥିଲା। ଚିକିତ୍ସାର ପ୍ରାଥମିକ ରିପୋର୍ଟ ଆସିବା ପରେ ଜଳହସ୍ତୀର ଅନ୍ତନଳୀରେ ରକ୍ତସ୍ରାବ ସହ ନିମୋନିଆ ହୋଇଥିବା ଜଣାପଡିଛି। ଅଧିକ ତଥ୍ୟ ଜାଣିବା ପାଇଁ ରକ୍ତ ନମୁନାକୁ ଓୟୁଏଟି ପଠାଯାଇଥିବା ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଏହାର ମୃତ୍ୟୁ ପରେ ଜଳହସ୍ତୀ ସଂଖ୍ୟା ହ୍ରାସପାଇ ୧୩ରେ ପହଞ୍ଚିଛି। ସେଥିମଧ୍ୟରେ ୩ ଅଣ୍ଡିରା, ୮ମାଈ ଓ ୨ଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

# ଜୀବନ ହାରିଲେ ନବଦମ୍ପତି

## ଭଡ଼ାଘରେ ସ୍ତ୍ରୀ, ନିଜ ଘରେ ସ୍ୱାମୀଙ୍କ ଆତ୍ମହତ୍ୟା

**ଖୋର୍ଦ୍ଧା ଅଫିସ/ଚିଲିକା, ୪।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଥାନା ନାରୁଣୀ ଫାଣ୍ଡି ଅଞ୍ଚଳରେ ଗୁରୁବାର ଜୀବନ ହାରିଛନ୍ତି ନବଦମ୍ପତି। ସ୍ତ୍ରୀ ରୀତା(ଛଦ୍ମନାମ) ନାରୁଣୀ ଫାଣ୍ଡି ଅନ୍ତର୍ଗତ ସାନନଈରୀ ଗ୍ରାମର ଏକ ଭଡ଼ାଘରେ ଆତ୍ମହତ୍ୟା କରିଥିବାବେଳେ ତାଙ୍କ ସ୍ୱାମୀ ସନାତନ ସାହୁ(୨୦) ବଡନଈରୀ ଗାଁରେ ଥିବା ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ସେମାନେ ୩ ମାସ ତଳେ ପ୍ରେମବିବାହ କରିଥିବାବେଳେ ରୀତା ହେଉଛନ୍ତି ନାବାଳିକା(୧୬)। ନାରୁଣୀ ଫାଣ୍ଡି ପୋଲିସ ଉଭୟ ମୃତଦେହକୁ ଜବତକରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ଶୁକ୍ରବାର ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ପୋଲିସ ସନାତନଙ୍କ ସୁଇସାଇଡ୍ ନୋଟ୍‌କୁ ଜବତ କରିଛି। ଏଥିରେ ନବଦମ୍ପତିଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଉଲ୍ଲେଖ ରହିଛି। ରୀତାଙ୍କ ଆତ୍ମହତ୍ୟାକୁ ନେଇ ପୋଲିସ ୨୧/୧୯ ଓ ସନାତନଙ୍କ ଆତ୍ମହତ୍ୟାକୁ ନେଇ ୨୨/୧୯ନମ୍ବରରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଚିଲିକା ବ୍ଲକ ନଈରୀ ପଞ୍ଚାୟତ ବଡ଼ନଈରୀର କୃଷ୍ଣଚନ୍ଦ୍ର ସାହୁଙ୍କ ପୁଅ ସନାତନ ପୁରୀ ଜିଲା କଣାସ ଥାନା ଅଞ୍ଚଳର ରୀତାଙ୍କୁ ପ୍ରେମ ବିବାହ କରିବା ପରେ ଉଭୟ ପରିବାର ଲୋକେ ଅସନ୍ତୁଷ୍ଟ ଥିଲେ। ଏପରି କି ଝିଅ ଘର ଲୋକ ପୂରାପୂରି ସମ୍ପର୍କ କାଟି ଦେଇଥିଲେ। ସନାତନ ରୀତାଙ୍କୁ ନେଇ ନିଜ ଘରେ ରହୁଥିଲେ। ପ୍ରାୟ ୪ ଦିନ ତଳେ ଘର ଛାଡିଥିବା ଏହି ନବଦମ୍ପତି ସାନନଈରୀ ପଞ୍ଚାୟତ କାର୍ଯ୍ୟାଳୟ ପଛପାଖ ଏକ ଭଡ଼ାଘରେ ରହୁଥିଲେ। ଗୁରୁବାର ରାତିରେ ସନାତନ ରାଶନ ସାମଗ୍ରୀ କିଣି ଘରକୁ ପ୍ରାୟ ୧୦ଟାରେ ଫେରିଥିଲେ। ରୀତା ଘରର କବାଟ ଫିଟାଇ ନ ଥିଲେ। ଫଳରେ ସେ କବାଟ ଭାଙ୍ଗି ଦେଖିଲା ବେଳକୁ ରୀତାଙ୍କ ମୃତଦେହ ଉକ୍ତ ଘର ଓରାରେ ଝୁଲୁଥିଲା। ରାତାରାତି ରୀତାଙ୍କ ମୃତଦେହ ନେଇ ସନାତନ ନିଜ ଘର ବଡନଈରୀରେ ପହଞ୍ଚିଥିଲେ। ହେଲେ ପରିବାର ଲୋକଙ୍କ ସହାୟତା ନ ପାଇ ନିଜ ଘରେ ଆତ୍ମହତ୍ୟା କରି ଦେଇଥିଲେ।

# ଫାଇନାନ୍ସ କର୍ମଚାରୀଙ୍କଠାରୁ ୩ଲକ୍ଷ ଲୁଟ୍

## ଜଣେ ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଲେ

**ନିଆଳି,୪।୧୦(ଡି.ଏନ୍.ଏ)**

ନିଆଳି ବ୍ଲକ ନିକଟରୁ ଶୁକ୍ରବାର ୩ ଲୁଟେରା ଏକ ଫାଇନାନ୍ସ ସଂସ୍ଥାର ଦୁଇ କର୍ମଚାରୀଙ୍କୁ ମାଡ଼ ମାରି ୩ଲକ୍ଷ ୧୮ହଜାର ୧୩୦ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟେରାମାନେ ଫେରାର ହେଉଥିବା ବେଳେ ଜଣେ ଲୁଟେରାଙ୍କୁ ଦୁଇ କର୍ମଚାରୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ଅନ୍ୟ ଦୁଇଜଣ ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟା ୩୦ରେ ଉକ୍ତ ସଂସ୍ଥାର କର୍ମଚାରୀ କେଦାର ମହାପାତ୍ର ଓ ଜୟରାମ ରାଉତ କାର୍ଯ୍ୟାଳୟରୁ ୩ଲକ୍ଷ ଟଙ୍କା ନେଇ ବ୍ୟାଙ୍କକୁ ଡିପୋଜିଟ୍ କରିବା ପାଇଁ ଯାଉଥିଲେ। ବ୍ଲକ କାର୍ଯ୍ୟାଳୟ ନିକଟରେ ୩ ଜଣ ଲୁଟେରା ଏକ ବାଇକରେ ସେମାନଙ୍କୁ ଅଟକାଇଥିଲେ। ଏହା ପରେ ଲୁଟେରାମାନେ ସେମାନଙ୍କ ଠାରୁ ଟଙ୍କା ବ୍ୟାଗ୍ ଛଡାଇବା ବେଳେ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା। ଏହି ସମୟରେ ୨ଜଣ ଟଙ୍କା ବ୍ୟାଗ୍‌କୁ ଧରି ଫେରାର୍ ହୋଇଯାଇଥିଲେ। ଅନ୍ୟ ଜଣଙ୍କୁ ଦୁଇ କର୍ମଚାରୀ କାବୁ କରିନେଇଥିଲେ। ଖବରପାଇ ନିଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଏଣେତେଣେ ପଡ଼ିଥିବା ୩୭ହଜାର ୧୮୦ଟଙ୍କା ଜବତ କରି ଉକ୍ତ କର୍ମଚାରୀ ଦ୍ୱୟଙ୍କୁ ପ୍ରଦାନ କରିଥିଲେ। ଏହା ପରେ ଧରାପଡ଼ିଥିବା ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିବା ସହ ତାଙ୍କ ଠାରୁ ଦୁଇ ମୋବାଇଲ ଫୋନ ଜବତ କରି ତଦନ୍ତ ଚଳାଇଛି। କେଦାରଙ୍କ ଅଭିଯୋଗକ୍ରମେ ଏ ନେଇ ଥାନାରେ ଏକ ମାମଲା(ନଂ.୨୩୪/୧୯)ରୁଜୁ ହୋଇଛି। ଏ ସମ୍ପର୍କରେ ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କୁହନ୍ତି, ଖୁବ୍‌ଶୀଘ୍ର ଫେରାର ଥିବା ଦୁଇ ଅଭିଯୁକ୍ତଙ୍କ ସହ ଟଙ୍କା ଜବତ କରାଯିବ।

## 'ସମାଜ' ଶତବାର୍ଷିକୀ ଜାତୀୟ ଯୁବ ଶିବିର ଉଦ୍‌ଘାଟିତ





**କଟକ ଅଫିସ,୪।୧୦**

ଖବରକାଗଜ 'ସମାଜ'ର ଶତବାର୍ଷିକ ପାଳନ ଅବସରରେ ସଚିନ ତେନ୍ଦୁଲକର ଇନଡୋର ହଲଠାରେ ୬ଦିନିଆ ଜାତୀୟ ଯୁବ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଷ୍ଟିସ ବୀରକିଶୋର ମିଶ୍ର, ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଲବ୍ୟ ସମାରୋହରେ ପୌରୋହିତ୍ୟ କରିଥିଲେ। ଲୋକସେବକ ମଣ୍ଡଳର ଟ୍ରଷ୍ଟି ଡ. ଏସ. ଏନ. ସୁବାରାଓ ଅତିଥିମାନଙ୍କ ସହ ବିଭିନ୍ନ ରାଜ୍ୟରୁ ଆସିଥିବା ଯୁବବର୍ଗଙ୍କୁ ଉଚ୍ଛ୍ୱସିତ ଢଙ୍ଗରେ ବିଭିନ୍ନ ନାରା ମାଧ୍ୟମରେ ପରିଚିତ କରାଇଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ନିରଞ୍ଜନ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଭୀମସେନ ଯାଦବ ଧନ୍ୟବାଦ ଦେଇଥିଲେ। ଗଣ୍ଡରପୁରସ୍ଥିତ ଲାଲା ଲଜପତ ରାୟ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

## 'ଗଣମାଧ୍ୟମ ସମ୍ମୁଖରେ ଅନେକ ଆହ୍ୱାନ'



**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ସାମାଜିକ ବ୍ୟବସ୍ଥାରେ ଗଣମାଧ୍ୟମର ସ୍ୱତନ୍ତ୍ର ଭୂମିକା ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ଗଣମାଧ୍ୟମ ସମ୍ମୁଖରେ ଅନେକ ଆହ୍ୱାନ ରହିଛି। କେତେକ କ୍ଷେତ୍ରରେ ସ୍ୱାଧୀନ ମତକୁ ସହନଶୀଳତାର ସହ ନିଆଯାଉନାହିଁ। ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ କରନ୍ ଥାପ୍ପର ଖବରକାଗଜ 'ସମ୍ବାଦ'ର ୩୫ତମ ଜନ୍ମବାର୍ଷିକୀ ସମାରୋହରେ ଏହା କହିଛନ୍ତି।

କରନ୍ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଟିଭିରେ ଖବର ପ୍ରସାରଣ ମନୋରଞ୍ଜନର ମାଧ୍ୟମ ପାଲଟିଛି। ଖବରରେ ସାଧାରଣ ଜନତାଙ୍କ ସମସ୍ୟା ସ୍ଥାନ ପାଉନାହିଁ। ସେହିପରି ନବଭାରତ ଟାଇମ୍ସର ପୂର୍ବତନ ସମ୍ପାଦକ ରାମକ୍ରିପାଲ ସିଂ କହିଥିଲେ ଯେ, କୌଣସି ଖବର ପରିବେଷଣରେ ତଥ୍ୟନିଷ୍ଠତା ଏବଂ ବିଶ୍ୱସନୀୟତା ରହିବା ଜରୁରୀ। ପାଠକ ହିଁ ଖବରକାଗଜର ଭଗବାନ। ବୈଦ୍ୟୁତିକ ଗଣମାଧ୍ୟମ ଯେତେ ଜନାଦୃତ ହେଲେ ବି ମୁଦ୍ରିତ ଗଣମାଧ୍ୟମର ପ୍ରାସଙ୍ଗିକତାକୁ ଗୌଣ କରିପାରିବ ନାହିଁ ବୋଲି ସିଂ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଗୌରହରି ଦାସ, ସମ୍ବାଦ ଗ୍ରୁପ୍ ଏମ୍‌ଡି ମୋନିକା ନାୟାର ପଟ୍ଟନାୟକ ଏବଂ ସିଇଓ ତନୟା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଖିମ୍‌ଜୀ ପ୍ରସ୍ତୁତକଲା ଭୁବନେଶ୍ୱରର ପ୍ରଥମ ସୁନାମୁକୁଟ





**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ଶାରଦୀୟ ଦୁର୍ଗାପୂଜା ଅବସରରେ ଓଡ଼ିଶାର ପ୍ରମୁଖ ଜୁଏଲେରି ଚେନ୍ 'ଖିମ୍‌ଜୀ ଜୁଏଲର୍ସ' ଦ୍ୱାରା ଭୁବନେଶ୍ୱରର ପ୍ରଥମ ସୁନା ମୁକୁଟ (ସଲିଡ୍ ଗୋଲ୍ଡ) ପ୍ରସ୍ତୁତ କରାଯାଇଛି। ରାଜଧାନୀର ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ବରାଦ ଦିଆଯାଇଥିବା ଏହି ମୁକୁଟକୁ ଖିମ୍‌ଜୀର ୬ଜଣ ଶ୍ରେଷ୍ଠ ସୁନା କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ମା' ଜଗଜ୍ଜନନୀଙ୍କ ମସ୍ତକରେ ଶୋଭା ପାଇବାକୁ ଥିବା ଏହି ମୁକୁଟରେ ୨.୫ କିଲୋଗ୍ରାମ ସୁନା ଲାଗିଥିବା ବେଳେ ଏଥିରେ ନିଖୁଣ ଓ ସୂକ୍ଷ୍ମ କାରିଗରି କରାଯାଇଛି। ୭ମାସର କଠିନ ପରିଶ୍ରମ ପରେ ମୁକୁଟରେ ଶେଷ ସ୍ୱର୍ଣ୍ଣ ଦିଆଯାଇଛି। ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ୍ ଖିମ୍‌ଜୀ ଏହି ସୁନା ମୁକୁଟକୁ ପୂଜା ସମିତିକୁ ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ମା' ଦୁର୍ଗାଙ୍କ ପାଇଁ ଏଭଳି ଏକ ନିଆରା ମୁକୁଟ ତିଆରି କରିବାର ଅବସର ଖିମ୍‌ଜୀକୁ ମିଳିଥିବାରୁ ଆମେ ସୌଭାଗ୍ୟ ମନେକରୁଛୁ। ଏତେବଡ଼ ଦାୟିତ୍ୱ ପାଇଁ ଶହୀଦନଗର ପୂଜା ସମିତି ଆମ ଉପରେ ଭରସା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଉଛୁ। ଏହି ସୁନା ମୁକୁଟ ପିନ୍ଧି ମା' ଚଳିତବର୍ଷ ଆହୁରି ଆକର୍ଷଣୀୟ ଲାଗିବେ ବୋଲି ସେ କହିଥିଲେ। ଶହୀଦନଗର ଦୁର୍ଗାପୂଜା ସମିତି ପାଇଁ ୨୦୧୬ ମସିହାରେ ଖିମ୍‌ଜୀ ପକ୍ଷରୁ ମା' ଦୁର୍ଗାଙ୍କ ପାଇଁ ଏକ ରୁପା ମୁକୁଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା।

## ଛାତ୍ରୀଙ୍କୁ ଟ୍ୟୁଶନ ଶିକ୍ଷକଙ୍କ ଅସଦାଚରଣ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ଗୁରୁ-ଶିଷ୍ୟ ଭଳି ପବିତ୍ର ସମ୍ପର୍କରେ ପୁଣି ଲାଗିଛି କଳଙ୍କର ଛିଟା। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଟ୍ୟୁଶନ ଶିକ୍ଷକ ତାଙ୍କ ଛାତ୍ରୀଙ୍କୁ ଅସଦାଚରଣ କରିଛନ୍ତି। ଛାତ୍ରୀଙ୍କ ନିକଟରୁ ଏ ସମ୍ପର୍କରେ ପରିବାର ଲୋକେ ଜାଣି ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ.୩୮୩/୧୯) ରୁଜୁ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ଅଭିଯୁକ୍ତ ହେଲେ ଜୟକୃଷ୍ଣ ନାୟକ(୫୫)। ତାଙ୍କୁ ପଚରାଉଚରା କରାଯାଉଛି, ଏହାପରେ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯିବ। ଜୟକୃଷ୍ଣଙ୍କ ନିକଟକୁ ଗୁରୁବାର ସନ୍ଧ୍ୟାରେ ସମ୍ପୃକ୍ତ ଛାତ୍ରୀ ଟିଉସନ୍ ଆସିଥିଲେ। ଜୟକୃଷ୍ଣ ଟ୍ୟୁଶନ ଶେଷ କରିବା ପରେ ସମସ୍ତଙ୍କୁ ବିଦା କରି ଦେଇ ଉକ୍ତ ଛାତ୍ରୀଙ୍କୁ ଅଟକାଇ ଜୋର ଜବରଦସ୍ତ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ସେଠାରୁ ଖସି ଆସି ପରିବାର ଲୋକଙ୍କୁ ସବୁ କଥା ଜଣାଇଥିଲେ। ଏହା ପରେ ପରିବାର ଲୋକେ ଏ ନେଇ ଥାନାରେ ଏତଲା ଦେଇଥିଲେ।

## ହାଉସ୍‌ଫୁଲ୍-୪

**ଭୁବନେଶ୍ୱର,୪।୧୦(ବ୍ୟୁରୋ):** ଆସନ୍ତା ଅକ୍ଟୋବର ୨୫ରେ ରିଲିଜ ହେବ ହିନ୍ଦୀ କମେଡି ଫିଲ୍ମ 'ହାଉସ୍‌ଫୁଲ୍ ୪'। 'ହାଉସଫୁଲ୍' ସିରିଜର ଏହି ବହୁ ପ୍ରତୀକ୍ଷିତ ଫିଲ୍ମ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଭାଗ ପରେ କିଛି ନୂଆ ଓ ଭିନ୍ନ କନ୍‌ସେପ୍ଟ ନେଇ ପରଦାକୁ ଆସୁଛି। ନିକଟରେ ଫିଲ୍ମର ଟ୍ରେଲର ରିଲିଜ ହୋଇଥିବା ବେଳେ ଦୀପାବଳି ପୂର୍ବରୁ ଫିଲ୍ମ ମୁକ୍ତିଲାଭ କରିବ। ସାଜିଦ ଖାନ୍‌ଙ୍କ ନିର୍ଦ୍ଦେଶିତ ହାଉସଫୁଲ୍ ୪ରେ ପୁଣିଥରେ ଅକ୍ଷୟ କୁମାର ଦମ୍‌ଦାର କମେଡି ନେଇ ଲୋକଙ୍କ ନିକଟକୁ ଆସିବେ। ଏହାଛଡା ରିତେଶ ଦେଶମୁଖ, ବବି ଦେଓଲଙ୍କ ସହ ଫିମେଲ୍ ଲିଡ୍‌ରେ କ୍ରିତି ସାନନ, ପୂଜା ହେଗ୍‌ଡେ ଏବଂ କ୍ରିତି ଖରବନ୍ଦାଙ୍କୁ ଦେଖିବାକୁ ମିଳିବ।





## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ବିଷ୍ଣୁପ୍ରସାଦ



ସୁନୀଲ



ଦିଲ୍ଲୀପ



ସୌରଭ



ଟ୍ୱିଙ୍କିଲ



ସୁନିତା



ଲିପିକା



ରବୀନ୍ଦ୍ର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

